ସକାଳ
THE SAKALA



**ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ଘଟଣା**

# ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଧାରଣା




ରାଇରଙ୍ଗପୁର, ୧୬।୩(ସମିସ): ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଘଟଣାକୁ ନେଇ ରାସ୍ତା ଅବରୋଧ ବେଳେ ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ଘଟଣା ଥମୁନାହିଁ। ଉକ୍ତ ଘଟଣାକୁ ନେଇ ସର୍ବଦଳୀୟ ସଙ୍ଗଠନ ମିଳିତ ଭାବେ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଛି। ଗିରଫ ଆଦିବାସୀଙ୍କୁ ଖଲାସ କରିବା ସହ ସେମାନଙ୍କ ବିରୁଦ୍ଧରେ ହୋଇଥିବା ମାମଲା ପ୍ରତ୍ୟାହାର ଓ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଛି।



ବହଳଦା ବାଇପାସରେ ୨୨୦ ନମ୍ବର ଜାତୀୟ ରାଜପଥ ଅବରୋଧ ବେଳେ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। କଥା କଟାକଟି ହେବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଯାହାକୁ ନେଇ ପୁଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହାପରେ ଗ୍ରାମବାସୀ ପଥର, ଇଟା, ଲାଠିରେ ଆକ୍ରମଣ କରିବାରୁ ୧୨ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ। ଏ ନେଇ ବହଳଦା ଥାନାରେ ଏକ ମାମଲା ରୁଜୁ କରାଯାଇ ୩୪ ଜଣ ଗ୍ରାମବାସୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ ହୋଇଛନ୍ତି। ତେବେ ପୁଲିସ ପକ୍ଷରୁ ଆଦିବାସୀଙ୍କ ଉପରେ ପ୍ରଥମେ ଲାଠିଚାର୍ଜ ହେବାରୁ ଏହି ପ୍ରକାର ସ୍ଥିତି ଉପୁଜିଛି। ତେଣୁ ଅମାନବୀୟ କାର୍ଯ୍ୟପନ୍ଥାକୁ ବିରୋଧ କରି ଗିରଫ ୩୪ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ମିଳିତ ଆଦିବାସୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହାସହିତ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଗିରଫ ଗ୍ରାମବାସୀଙ୍କ ବିରୁଦ୍ଧରେ ମାମଲା ପ୍ରତ୍ୟାହାର କରି ନିର୍ଦ୍ଦୋଷରେ ଖଲାସ, ଘଟଣାର ସିବିଆଇ ତଦନ୍ତ ଓ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରିବା ନେଇ ଦାବି କରିଛନ୍ତି। ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଆଦିବାସୀ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନ ଓ ପୁଲିସ ବିରୋଧରେ ନାରାବାଜି କରିଛନ୍ତି। ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ଉଭୟ ଆଦିବାସୀ ହୋଇଥିବାବେଳେ ଏହା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ଅଟେ। ତେବେ ତାଙ୍କ ଅଞ୍ଚଳରେ ଆଦିବାସୀଙ୍କ ପ୍ରତି ପୁଲିସର ନିର୍ଯାତନା ଏକ ନିନ୍ଦନୀୟ ଘଟଣା ଅଟେ। ଉକ୍ତ ଦାବି ପୂରଣ ନ ହେଲେ ଆଗକୁ ଆଦିବାସୀଙ୍କ ହକ ପାଇଁ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଇଛି। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନ୍ୟାୟ ପ୍ରଦାନ କରିବାକୁ କୁହାଯାଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଧାରଣାରେ ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବିଜେଡି କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ନଗରପାଳ ଅଭିଷେକ ପଟ୍ଟନାୟକ, ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦା, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ପରେଶ ମୁଣ୍ଡା, ସୂର୍ଯ୍ୟମଣି ହାଁସଦା, ଜେମାମଣି ଶୁଣ୍ଡି, ମହିଳା ନେତ୍ରୀ ତନୁଜା ମହାନ୍ତ, ବ୍ଲକ ସଭାପତି, ପୂର୍ବତନ ବ୍ଲକ ସଭାପତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ବିଜେଡି, ଜେଏମଏମ, କଂଗ୍ରେସ, ଆସେକା, ମାସା ଆର୍ମୀ, ଭଞ୍ଜ ଖେରୱାଳ ଜୁମିଦ ସମେତ ଅନ୍ୟାନ୍ୟ ଆଦିବାସି ସଂଗଠନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



**■ ଗିରଫ ଆଦିବାସୀଙ୍କୁ ବିରୁଦ୍ଧରେ ମାମଲା ପ୍ରତ୍ୟାହାର ଦାବି**

**● ବାରିପଦାରେ ବାଣିଜ୍ୟିକ ଗ୍ୟାସ୍ ସଙ୍କଟ**

# ଜଳଖିଆ ଓ ହୋଟେଲ ବନ୍ଦ କରିବାକୁ ବସିଲେଣି ବ୍ୟବସାୟୀ

ବାରିପଦା, ୧୬।୩(ସମିସ): ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧର ଭୟାବହତା ଏବେ ସ୍ଥାନୀୟ ବଜାର ଉପରେ କାୟା ବିସ୍ତାର କରିବାରେ ଲାଗିଛି। ଏହାର ପ୍ରଭାବରେ ବିଶେଷକରି ରନ୍ଧନ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିବାବେଳେ ଏବେ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମିଳିବା କଷ୍ଟକର ହୋଇପଡ଼ିଛି। ଫଳରେ ବାରିପଦା ସହରର ଜଳଖିଆ, ହୋଟେଲ ଓ ରେଷ୍ଟୋରାଁ ଶିଳ୍ପ ଏବେ ଗୁରୁତର ସଙ୍କଟ ଦେଇ ଗତି କରୁଛି। ଗ୍ୟାସ୍ ଅଭାବରୁ ଅନେକ ବ୍ୟବସାୟୀ ହୋଟେଲ ବନ୍ଦ କରିବାକୁ ଚିନ୍ତା କରୁଥିବାବେଳେ ଶତାଧିକ କର୍ମଚାରୀଙ୍କ ଜୀବିକା ବିପନ୍ନ ହେବାକୁ ବସିଲାଣି।

ଘରୋଇ ଗ୍ୟାସ୍ ସିଲିଣ୍ଡର କୌଣସି ପ୍ରକାରେ ମିଳୁଥିଲେ ହେଁ ବ୍ୟବସାୟିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ବଡ଼ ସିଲିଣ୍ଡରର ଘୋର ଅଭାବ ଦେଖାଦେଇଛି। ବାରିପଦା ସହରର ତକତପୁର ଅଞ୍ଚଳର ଏକ ପ୍ରତିଷ୍ଠିତ ହୋଟେଲର ମାଲିକ ରମେଶ ଚନ୍ଦ୍ର ସିଂହଙ୍କ କହିବା ଅନୁଯାୟୀ, ଗ୍ୟାସ୍ ନ ଥିବାରୁ ସେ ହୋଟେଲ ବନ୍ଦ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେଠାରେ କାର୍ଯ୍ୟରତ ୩୦ରୁ ଅଧିକ କର୍ମଚାରୀ ଏବେ ନିଜର ରୋଜଗାର ହରାଇବା ଭୟରେ ଚିନ୍ତାରେ ଅଛନ୍ତି। ଅନ୍ୟଜଣେ ମାଲିକ ନିଗମଜ୍ୟୋତି ପାଠୀ କହିଛନ୍ତି, ଗ୍ୟାସ୍ ସଙ୍କଟରୁ ରକ୍ଷା ପାଇବା ପାଇଁ ହୋଟେଲ ମାଲିକମାନେ ପୁରୁଣା ପଦ୍ଧତି ଅର୍ଥାତ୍ କାଠ ଚୁଲିକୁ ଆପଣେଇଛନ୍ତି। କିନ୍ତୁ ସହର ଭିତରେ ଥିବା ଅନେକ ହୋଟେଲରେ କାଠ ଜାଳିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ କିମ୍ବା ବ୍ୟବସ୍ଥା ନାହିଁ। ଯେଉଁମାନେ କାଠ ଚୁଲିରେ ରନ୍ଧାବଢ଼ା କରୁଛନ୍ତି, ସେମାନଙ୍କୁ ମଧ୍ୟ ଅଧିକ ଖର୍ଚ୍ଚ ଓ



ପରିବେଶ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏ ସମ୍ପର୍କରେ ଗ୍ୟାସ୍ ବିତରଣକାରୀ ସଂସ୍ଥାର ପରିଚାଳକ ଦିଲ୍ଲୀପ କୁମାର ମହାନ୍ତି କହିଛନ୍ତି, ବର୍ତ୍ତମାନ ଉପରୁ କମର୍ସିଆଲ ଗ୍ୟାସ୍ ପ୍ରଦାନ ପାଇଁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଆସିନାହିଁ। କେବଳ ମେଡିକାଲ, ସ୍କୁଲ ଓ ହଷ୍ଟେଲକୁ ପ୍ରାଥମିକତା ଭିତ୍ତିରେ ଗ୍ୟାସ୍ ଯୋଗାଇ ଦିଆଯାଉଛି। ଅନ୍ୟପଟେ ହୋଟେଲ ବ୍ୟବସାୟୀ ତୁରନ୍ତ ସରକାରୀ ସ୍ତରରେ ହସ୍ତକ୍ଷେପ କରି ବ୍ୟବସାୟିକ ଗ୍ୟାସ୍ ଯୋଗାଣ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି। ହୋଟେଲ ବନ୍ଦ ହେଲେ କେବଳ ମାଲିକ ବା କର୍ମଚାରୀ କ୍ଷତିଗ୍ରସ୍ତ ହେଉନାହାନ୍ତି, ବରଂ ସହରକୁ ବାହାରୁ ଆସୁଥିବା ଶତାଧିକ ଗ୍ରାହକ ଓ ନିୟମିତ ଖାଉଟି ମଧ୍ୟ ଅସୁବିଧାର ସମ୍ମୁଖୀନ ହେବେ। ଖାଦ୍ୟ ଯୋଗାଣ ବାଧାପ୍ରାପ୍ତ ହେଉଥିବାରୁ ସାଧାରଣ ଜୀବନଯାତ୍ରା ଉପରେ ଏହାର ପ୍ରଭାବ ନିଶ୍ଚିତ ପଡ଼ିବ।

# ମହିଳା ମହାବିଦ୍ୟାଳୟରେ ଅଗ୍ନି ନିର୍ବାପକ ମକ୍‌ଡ୍ରିଲ

ବାରିପଦା, ୧୬।୩(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବିପର୍ଯ୍ୟୟ ପ୍ରଶମନ ଓ ଅଗ୍ନି ନିର୍ବାପକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରଙ୍କ ଦ୍ୱାରା ଗଠିତ ଓସଡମା ଓ ଓଡ଼ିଶା ଷ୍ଟେଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି, ବାରିପଦା ଅଗ୍ନିଶମ ବିଭାଗ, ପୁଲିସ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆପଦକାଳୀନ ଅଧିକାରୀ ଜଗବନ୍ଧୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ବଜ୍ରପାତ, ସର୍ପ ଦଂଶନ, ଜଳ ବୁଡ଼ି, ବନ୍ୟା, ବାତ୍ୟା, ଅଗ୍ନିଜନିତ ବିଭିନ୍ନ ସମସ୍ୟାରୁ କିପରି ରକ୍ଷା ପାଇବା, ସେ ସମ୍ପର୍କରେ ବୁଝାଇ କହିଥିଲେ। ସେହିପରି ବାରିପଦା ଥାନା ସବଇନ୍ସପେକ୍ଟର ଉମା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଉଦବୋଧନ ଦେବା ଅବସରରେ କହିଥିଲେ, ତାହା ପ୍ରାକୃତିକ ହେଉ ବା ମନୁଷ୍ୟକୃତ, ପ୍ରତ୍ୟେକ ବିପର୍ଯ୍ୟୟକୁ ସାହାସ ଓ କୌଶଳର ସହ ସାମ୍ନା କରିପାରିଲେ ବହୁ ଧନ ଜୀବନ ରକ୍ଷା ହୋଇପାରିବ। ବାରିପଦା ଅଗ୍ନିଶମ ବିଭାଗ ଅଧିକାରୀ ଗୁଣଧର ଜେନା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀଙ୍କୁ ବିପର୍ଯ୍ୟୟ ସମୟରେ ଓ ପରେ କିପରି ନିଜକୁ ସୁରକ୍ଷିତ ରଖାଯାଇପାରିବ, ସେ ବିଷୟରେ ବୁଝାଇଥିଲେ।

ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକ ସିଂହ ଛାତ୍ରୀମାନେ ଅଭିଜ୍ଞ ଓ କୌଶଳୀ ହୋଇପାରିଲେ ସମସ୍ତ ପ୍ରକାର ସମସ୍ୟାକୁ ସାମ୍ନା କରିପାରିବେ ବୋଲି କହିଥିଲେ। ଓଡ଼ିଶା ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛି ଓ ଅନେକ ସମୟରେ ମୂଲ୍ୟବାନ ଧନ ଜୀବନ ଆମେ ହରାଉଛେ। ତେଣୁ ଆମେ ଆଗୁଆ କୌଶଳୀ ହୋଇଥିଲେ ବା ବିପର୍ଯ୍ୟୟକୁ ସାମ୍ନା କରିବାର ସାମର୍ଥ୍ୟ ଥିଲେ ଆମେ ନିଜର ଧନ ଜୀବନକୁ ସୁରକ୍ଷା ଦେବା ସହ ସାଇପଡ଼ିଶା, ନିଜ ଅଞ୍ଚଳର



ସୁରକ୍ଷା କବଚ ହୋଇପାରିବ। ଶେଷରେ ଅଗ୍ନିଶମ ବିଭାଗର ଏକ ଟିମ ଅଗ୍ନି ନିର୍ବାପକ ସମ୍ପର୍କରେ ବିଭିନ୍ନ କୌଶଳ ଛାତ୍ରୀଙ୍କୁ ଶିଖାଇ ଥିଲେ। ଯୁବ ରେଡ୍‌କ୍ରସର ପରାମର୍ଶଦାତା ତଥା ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ତପସ୍ୱିନୀ ନାଏକ, ଜାତୀୟସେବା ଯୋଜନାର ସଂଯୋଜିକା ତଥା ରସାୟନ ବିଭାଗର ସହକାରୀ ପ୍ରଫେସର ମନୀଷା ହେମ୍ବ୍ରମ ସଭା ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ମନୋରଞ୍ଜନ ନାଏକ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଲଟିଲା କୋଇଲା ବୋଝେଇ ଟ୍ରକ୍, ଡ୍ରାଇଭର ଆହତ

ମହୁଲଡିହା, ୧୬।୩(ସମିସ): ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଗୋଡ଼ଭଙ୍ଗା ମା' ଭଣ୍ଡାରଶୁଣୀ ବନଦୁର୍ଗା ଠାକୁରାଣୀଙ୍କ ସାମନା ଘାଟି ବାଙ୍କ (ଆକ୍ସିଡେଣ୍ଟାଲ ଜୋନ)ରେ ଏକ ୧୬ ଚକିଆ କୋଇଲା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିଛି। ଏଥିରେ ଡ୍ରାଇଭର ଆହତ ହୋଇଛନ୍ତି। ଟାଟାରୁ କୋଇଲା ବୋଝେଇ କରି ଟ୍ରକଟି ପାଣିକୋଇଲି ଯାଉଥିବାବେଳେ ସୋମବାର ଭୋର ସମୟରେ ରାସ୍ତାର ଡାହାଣ ପଟକୁ ଓଲଟିପଡ଼ିଛି। ଗାଡ଼ିର ଡ୍ରାଇଭର ସାମାନ୍ୟ ଆହତ ହୋଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଖବର ପାଇ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକଙ୍କ ସହିତ ଏଏସଆଇ ସନ୍ତୋଷ କୁମାର ନାୟକ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହି ବାଙ୍କରେ ବାରମ୍ବାର ସମାନ ଢଙ୍ଗରେ ଦୁର୍ଘଟଣା ଘଟି ଚାଲିଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**ମାସକ ପରେ ଚୈତ୍ର ପର୍ବ**

# ଆରମ୍ଭ ହେଲାଣି ଅଭ୍ୟାସ; କମ୍ପିଲାଣି ଆଖଡ଼ାଶାଳ



ବାରିପଦା, ୧୬।୩(ସମିସ): ଆଉ ମାସକ ପରେ ଅର୍ଥାତ ବୈଶାଖ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବେଳକୁ ଅନୁଷ୍ଠିତ ହେବ ମୟୂରଭଞ୍ଜର ଗର୍ବ ଗୌରବ ଚୈତ୍ର ପର୍ବ। ପ୍ରଶାସନିକ ସ୍ତରରେ ଏ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସପ୍ତାହ ତଳେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଜିଲ୍ଲାର ବିଭିନ୍ନ ଛଉ ନୃତ୍ୟ ଅନୁଷ୍ଠାନ ଆଖଡ଼ାଶାଳ କମ୍ପିଲାଣି। କଳାକାରମାନେ ସେମାନଙ୍କ ଅଭ୍ୟାସ ଆରମ୍ଭ କଲେଣି। ରବିବାର ସନ୍ଧ୍ୟାରେ ଅନୁରୂପ ଭାବେ ବାରିପଦାର ଉତ୍ତରସାହି ଗତ ଛଉ ନୃତ୍ୟ ପ୍ରତିଷ୍ଠାନର ଅଭ୍ୟାସ ଆରମ୍ଭ ହୋଇଛି। ମା' ଭୈରବୀଙ୍କ ସମ୍ମୁଖରେ ପାରମ୍ପରିକ ବୀର ବାଦ୍ୟ ବଜାଯାଇ ପୂଜାର୍ଚ୍ଚନା ସହିତ ଛଉ ନୃତ୍ୟ ଶିଳ୍ପୀ ହାତରେ ଖଣ୍ଡା ଧରି ମା' ଭୈରବୀଙ୍କୁ ସଲାମୀ ଦେଇ ଚୈତ୍ର ପର୍ବ ପାଇଁ ନୃତ୍ୟ ଅଭ୍ୟାସ ଆରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ବରିଷ୍ଠ ଆଇନଜୀବୀ ସୁଜାତା ମିଶ୍ର ଓ ସନ୍ଦୀପ ବିଶୋଇ, ଅନୁଷ୍ଠାନର ସଭ୍ୟ ଅମ୍ବିକା ପ୍ରସାଦ ମହାନ୍ତି, ପ୍ରଣବ ଦେ, ସହସମ୍ପାଦକ ତଥା ଅନୁଷ୍ଠାନର ଉସ୍ତାଦ ଲୋକନାଥ ଦାସ, ନବକିଶୋର ଦାସ, ଯତୀନ ଚନ୍ଦ୍ର ଗିରି, ରଞ୍ଜନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଭଲ ଭାବେ ନୃତ୍ୟ ପରିବେଷଣ କରି ଉତ୍ତର ସାହି ତରଫରୁ ଚୈତ୍ର ପର୍ବକୁ ସଫଳ କରାଇବା ପାଇଁ ଅନୁପ୍ରାଣିତ କରିଛନ୍ତି।

ଆସନ୍ତା ଚୈତ୍ର ପର୍ବକୁ ଶାନ୍ତିପୂର୍ଣ୍ଣ, ଆଡ଼ମ୍ବରପୂର୍ଣ୍ଣ ତଥା ଯୋଜନାବଦ୍ଧ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଚୈତ୍ର ପର୍ବର ଐତିହ୍ୟ, ପାରମ୍ପରିକ ଗୁରୁତ୍ୱ ଓ ଜନସାଧାରଣଙ୍କ ଭାବନା ସହ ଏହାର ଗଭୀର ସମ୍ପର୍କ ରହିଛି। ସେହିପରି ପର୍ବ ପାଳନ ସମୟରେ ସମସ୍ତ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବିଭିନ୍ନ ଦିଗରେ ପ୍ରାଥମିକତା ଦିଆଯାଇଥାଏ। ଚୈତ୍ର ପର୍ବ ଅବସରରେ ଗତବର୍ଷ ପାଖରୁ ପାରମ୍ପରିକ ନୃତ୍ୟ, ଲୋକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଜିଲ୍ଲାର ପ୍ରତିଭାଶାଳୀ କଳାକାରଙ୍କୁ ମଞ୍ଚ ପ୍ରଦାନ କରି ସ୍ଥାନୀୟ ସଂସ୍କୃତିକୁ ପ୍ରୋତ୍ସାହନକୁ ଗୁରୁତ୍ୱ ଦିଆଯାଉଛି। ଚୈତ୍ର ପର୍ବକୁ ଜିଲ୍ଲାର ଏକ ସଫଳ ଓ ସ୍ମରଣୀୟ ଆୟୋଜନ ଭାବେ ପାଳନ କରିବାକୁ ପ୍ରଶାସନ ଓ ଅନୁଷ୍ଠାନ ସଙ୍କଳ୍ପବଦ୍ଧ ରହିଛନ୍ତି।

# ପିଭିଟିଜି ଯୁବକ/ଯୁବତୀଙ୍କ ପାଇଁ ଆବାସିକ ପ୍ରଶିକ୍ଷଣ ଶିବିର

ବାରିପଦା, ୧୬।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ବିଶେଷ ଭାବେ ଆଦିମ ଜନଜାତି (ପିଭିଟିଜି) ବର୍ଗର ଯୁବକ/ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ବାରିପଦାସ୍ଥ ଗୁରୁଜୀ ଗାର୍ଡେନ୍ ରିସର୍ଟରେ ଏକ ୫ ଦିନିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। 'ନୃତତ୍ତ୍ୱ ଓ ପରିବେଶ ପର୍ଯ୍ୟଟନ ସହାୟତା' ଶୀର୍ଷକ ଏହି ପ୍ରଶିକ୍ଷଣ ଶିବିର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ପର୍ଯ୍ୟଟନ ଓ ଯାତ୍ରା ପରିଚାଳନା ପ୍ରତିଷ୍ଠାନ (ଆଇଆଇଟିଏମ), ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଛି। ମୟୂରଭଞ୍ଜ ଇଣ୍ଟାକର ଆବାହିକା ତଥା ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନର ରାଜ୍ୟ ମୁଖ୍ୟ ରାଜ କମଲ ଶର୍ମା, ବାରିପଦା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ହିମାଂଶୁ ମହାନ୍ତି ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଆଇଆଇଟିଏମ ଭୁବନେଶ୍ୱରର ଅଧ୍ୟକ୍ଷା ପ୍ରଫେସର ଆଦ୍ୟାଶା ଦାସ ସଭାପତିତ୍ୱ କରି ଆଦିବାସୀ ସମ୍ପ୍ରଦାୟ ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସ୍ଥାୟୀ ଜୀବିକା ସୁଯୋଗ ଉପରେ ଆଲୋକପାତ କରିଥିଲେ।



ମୟୂରଭଞ୍ଜ ଜିଲ୍ଲାର ମାଙ୍କଡ଼ିଆ, ବିରହୋର, ଲୋଧା, ଭୂମିଜ ଓ ଶବର ସମ୍ପ୍ରଦାୟର ପ୍ରାୟ ୬୦ ଜଣ ଯୁବକ/ଯୁବତୀ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଥିବା ସୁଯୋଗ ବିଷୟରେ ଯୁବକ/ଯୁବତୀଙ୍କୁ ଅବଗତ କରାଇବା। ସାମାଜିକ ଓ ସାଂସ୍କୃତିକ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ରୋଜଗାରକ୍ଷମ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଛି। ପର୍ଯ୍ୟଟକମାନଙ୍କୁ ଗାଇଡ୍ ଭାବେ ଉନ୍ନତ ସେବା ପ୍ରଦାନ କରିବା, ଯୋଗାଯୋଗ କୌଶଳ, ଆତିଥ୍ୟେୟତା ପ୍ରଦାନ, ପରିଷ୍କାର ପରିଚ୍ଛନ୍ନତା ଓ ପର୍ଯ୍ୟଟନ ଗାଇଡ୍‌ଙ୍କ ପାଇଁ ଆଚରଣ ବିଧି ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ଆଦି ଦିଗରେ ଏଠାରେ ୫ ଦିନ ମଧ୍ୟରେ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯିବ। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ପୂର୍ଣ୍ଣ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏହି ପ୍ରଶିକ୍ଷଣ ଶେଷ ହେବା ପରେ ଏହି ଯୁବକ/ଯୁବତୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କୁ ଉନ୍ନତ ଓ ଦାୟିତ୍ୱସମ୍ପନ୍ନ ସେବା ଯୋଗାଇବାରେ ସହାୟକ ହେବେ ବୋଲି ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଶୁଳିଆପଦା, ୧୬।୩(ସମିସ): ଶୁଳିଆପଦା ବ୍ଲକ ଚକଶୁଳିଆପଦାସ୍ଥ ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସଞ୍ଜୟ କୁମାର ସେନାପତି ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଏକାଡେମିକ୍ କନସଲଟାଣ୍ଟ ପ୍ରଫେସର ତୁଷାର କାନ୍ତି ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ଏଲ୍.କେ. କଲେଜର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ନୈତିକ ମୂଲ୍ୟ ବିଷୟରେ ଅଭିଭାଷଣ ଦେବାସହ ଶିକ୍ଷା ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି ଉତ୍ସାହଦାୟକ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡଃ ସଞ୍ଜିବ କୁମାର ନାୟକ, ପୂର୍ବତନ ଅଧ୍ୟକ୍ଷ, ଯୁଏନ୍ କଲେଜ୍ ନଳଗଜା, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ଭଗବତ ମାରଣ୍ଡି, ପୂର୍ବତନ ଅଧ୍ୟକ୍ଷ, ଶୁଳିଆପଦା ବ୍ଲକ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଶିକ୍ଷା, କ୍ରୀଡ଼ା ଓ ସାମାଜିକ କାର୍ଯ୍ୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ ଓ ନାଟକ ମାଧ୍ୟମରେ ନିଜ ଦକ୍ଷତା ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିତିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଶରତ ଚନ୍ଦ୍ର ଧିର, ଜଗନ୍ନାଥ ମଣ୍ଡଳ, ହେମନ୍ତ ଧଳ, ଦୁଷ୍ମନ୍ତ ସିଂ, ହରମୋହନ ମହାନ୍ତ, ଦେବେନ୍ଦ୍ର ମାର୍ଣ୍ଡି, ଅଧ୍ୟାପିକା ନାରାୟଣୀ ନାଥ, ସ୍ମୃତିପ୍ରଭା ମହାନ୍ତ, ଜ୍ୟୋତିର୍ମୟୀ ପାତ୍ର ଲାଇବ୍ରେରିଆନ ଚନ୍ଦ୍ରକାନ୍ତ ନାୟକ, ଅନନ୍ତ ହାଁସଦା, କର୍ମଚାରୀ ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

**ତିନିଦିନ ଧରି ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥକୁ ସ୍ୱାଗତ କଲେ ଜିଲ୍ଲାବାସୀ**

# ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍‌ଯାପିତ

ବାରିପଦା, ୧୬।୩(ସମିସ): ବିଗତ ୯ ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାର ୪ଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ଓ ସାମାଜିକ ସମନ୍ୱୟ ରକ୍ଷା, ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ବଳାଙ୍ଗୀ ମହୋତ୍ସବ କମିଟିର ଯୁବଶାଖା ବଳାଙ୍ଗୀ ସେନା ପକ୍ଷରୁ ଅନୁଷ୍ଠିତ ହୋଇଆସୁଥିବା ବଳାଙ୍ଗୀ ସଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଚଳିତ ବର୍ଷ ମାର୍ଚ୍ଚ ୧୩ ତାରିଖରୁ ଆରମ୍ଭ ହୋଇଥିବାବେଳେ ୧୫ ତାରିଖ ରାତିରେ ବାରିପଦା ସହର ଶୋଭାଯାତ୍ରା ପରେ ଛଉ ପଡ଼ିଆ ନିକଟରେ ଉଦଯାପିତ ହୋଇଛି। ଏହି ଉଦଯାପନୀ ଉତ୍ସବରେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ସାମ୍ବାଦିକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ, ସଦସ୍ୟ ଇନ୍ଦୁମତି ମହାନ୍ତି, ଗୋଲକ




ମହାନ୍ତି, ହୃଷିକେଶ ଦାସ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ମାଟିର ଅସ୍ମିତା ଓ ଐତିହ୍ୟର ସୁରକ୍ଷା ପାଇଁ ବଳାଙ୍ଗୀ ସେନାର ସଂସ୍କୃତି ସୈନିକଙ୍କ ତିନିଦିନ ବ୍ୟାପି ଅକ୍ଳାନ୍ତ ପରିଶ୍ରମକୁ ସାଧୁବାଦ ଜଣାଇବା ସହ ଜାଗରଣ ଯାତ୍ରା ଓ ଜ୍ୟୋତି ରଥକୁ ଜିଲ୍ଲାର କୁଳିଅଣା, କଳାବାଡିଆ, ଝାରପୋଖରିଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା, ଲୋକନାଥପୁର, ଜାମଦା, ଗଡରାଇରଙ୍ଗପୁର, ମୂଷାବଣି, ଯଶିପୁର, ଖିଚିଂ, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା, ଉଦଳା, ଖୁଣ୍ଟା, ହରିପୁରଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଟା, ଶୁଳିଆପଦା ଓ ଦେଉଳି ଆଦି ସ୍ଥାନରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାରୁ ସମସ୍ତ ଅନୁଷ୍ଠାନ ଓ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଥିଲେ।



ଏହି ଜାଗରଣ ଯାତ୍ରାରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନା ଅଧ୍ୟକ୍ଷ କୁମାରେସ ନାୟକଙ୍କ ତତ୍ତ୍ୱାବଧାନରେ ୫୦ରୁ ଅଧିକ ସଂସ୍କୃତି ସୈନିକ ସାମିଲ ହୋଇ ସମଗ୍ର ଜିଲ୍ଲାର ୬୫୦ କିଲୋମିଟର ପରିକ୍ରମା କରି ସାଂସ୍କୃତିକ ଓ ସାମାଜିକ ସଚେତନତା ସୃଷ୍ଟି କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ବାରିପଦାର କୃଷ୍ଣଚନ୍ଦ୍ର ଗୋଲାଇରୁ ବିଶାଳ ଶୋଭାଯାତ୍ରା ବିଭିନ୍ନ ବାଦ୍ୟ ଓ ନୃତ୍ୟ ଦଳଙ୍କ ସହିତ ବଜାର ପରିକ୍ରମା କରି ଛଉ ପଡ଼ିଆରେ ପହଞ୍ଚିଥିଲା। ସାନ ଜଗନ୍ନାଥ ମନ୍ଦିର ପହଞ୍ଚିବା ପରେ ପ୍ରବଳ ବର୍ଷା ସତ୍ତ୍ୱେ ଶୋଭାଯାତ୍ରା ଦଳ ନାଚଗୀତର ସହିତ ଆଗକୁ ବଢ଼ିଥିଲେ। ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ସେମାନଙ୍କୁ ଉତ୍ସାହିତ କରିଥିଲା।



**ଚଇତି ତାଣ୍ଡବ ଗାଁରେ ବିଜେଡି ପ୍ରତିନିଧି ଦଳ**

## ମୃତକ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

**ବାରିପଦା/କରଞ୍ଜିଆ, ୧୬ ।୩(ସମିସ):**





କରଞ୍ଜିଆ ବ୍ଲକ୍‌ରେ ହଠାତ୍ ଆସିଥିବା ଏକ ଭୟଙ୍କର ଚଇତି ତାଣ୍ଡବ ବା ଟର୍ଣ୍ଣାଡୋ (ଘୂର୍ଣ୍ଣିଝଡ଼) କ୍ଷତିଗ୍ରସ୍ତ ଗ୍ରାମରେ ବିଜୁ ଜନତା ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ପ୍ରଭାବିତ ଗ୍ରାମ ପରିଦର୍ଶନ କରିଛନ୍ତି। ପ୍ରତିନିଧି ମଣ୍ଡଳୀ ମୃତକଙ୍କ ପରିବାର ଲୋକଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରିବା ସହିତ ଆହତ ଓ ପ୍ରଭାବିତ ପରିବାରଙ୍କ ଦୁଃଖକଷ୍ଟରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରତିନିଧି ମଣ୍ଡଳୀ ମୃତକଙ୍କ ପରିବାରକୁ ପ୍ରତ୍ୟେକଙ୍କୁ ୨୫ ଲକ୍ଷ ଟଙ୍କା ଏକ୍ସ-ଗ୍ରାସିଆ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥିସହିତ ପ୍ରଭାବିତ ପରିବାରଙ୍କ ପାଇଁ ଗୋଟିଏ ମାସ ପାଇଁ ମାଗଣା ରୋଷେଇ ବ୍ୟବସ୍ଥା, ଯଥେଷ୍ଟ ଚିକିତ୍ସା ସୁବିଧା, ପାଣି ଟ୍ୟାଙ୍କର୍ ମାଧ୍ୟମରେ ପିଇବା ପାଣି ଯୋଗାଣ, ଅସ୍ଥାୟୀ ଆଶ୍ରୟ ପାଇଁ ପର୍ଯ୍ୟାପ୍ତ ତାର୍ପୋଲିନ୍ ଓ ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ବିଶେଷ ଯତ୍ନ ଓ ସହାୟତା ପ୍ରଦାନ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁ, ପୂର୍ବତନ ମନ୍ତ୍ରୀ ବସନ୍ତୀ ହେମ୍ବ୍ରମ, ଚକ୍ରଧର ହେମ୍ବ୍ରମ, ଅଭିଷେକ ପାତ୍ରନାୟକ, ତନୁଜା ମହାନ୍ତ, ପାଲୁ ଚୌଧୁରୀ, ଦିଲ୍ଲୀପ ସାହୁ, ସୁଲୋଚନା ହେମ୍ବ୍ରମ, ଅଭିଷେକ ସାହୁ ଓ ନରେନ୍ଦ୍ର ହାଁସଦା ପ୍ରମୁଖ ସାମିଲ ଥିଲେ। ଏହି କଷ୍ଟଦାୟକ ସମୟରେ ବିଜୁ ଜନତା ଦଳ ପ୍ରଭାବିତ ପରିବାରଙ୍କ ସହିତ ରହିବ, ସମ୍ପୂର୍ଣ୍ଣ ସହାନୁଭୂତି ଓ ସହଯୋଗ ପ୍ରଦାନ କରିବ ବୋଲି ପ୍ରତିନିଧି ମଣ୍ଡଳୀ ଆଶ୍ୱାସନା ଦେଇଛନ୍ତି। ପ୍ରଭାବିତ ଅଞ୍ଚଳରେ ତ୍ୱରାନ୍ୱିତ ରିଲିଫ୍ ଓ ପୁନର୍ବାସନ ପାଇଁ ସରକାରଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦଳ ଦାବି କରିଛି।

## ସ୍ଥିତି ପରଖିଲେ ମନ୍ତ୍ରୀ, ବିଧାୟକ, କଂଗ୍ରେସ ନେତା



**କରଞ୍ଜିଆ,୧୬।୩(ସମିସ):** ଗତକାଲି କରଞ୍ଜିଆ ବ୍ଲକର ଚାରୋଟି ଗ୍ରାମରେ ଘୂର୍ଣ୍ଣିଝଡ଼ ଫଳରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି ପରେ ବିଭିନ୍ନ ରାଜନୈତିକ ଦଳର ନେତା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଦେଖିବା ସହିତ ଆଲୋଚନା କରିଛନ୍ତି। ରାଜ୍ୟ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଭୁବନେଶ୍ୱରରୁ ରାଜ୍ୟସଭା ଭୋଟ ଦେବା ପରେ ପ୍ରଥମେ କେନ୍ଦୁଝର ଯାଇ ଗୁରୁତର ଓ ଆହତଙ୍କୁ ଭେଟି ତାଙ୍କ ଚିକିତ୍ସା ବ୍ୟବସ୍ଥା ଓ ସ୍ଥିତି ସମ୍ପର୍କରେ ଡାକ୍ତରଙ୍କ ସହିତ ଆଲୋଚନା ପରେ ୪ ଘଟିକା ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହିତ ଉପସ୍ଥିତ ଜିଲ୍ଲାପାଳ, ଏସପି, ଆଇଟିଡିଏ ପିଏ, ଉପଜିଲ୍ଲାପାଳ, ବିଡିଓ, ଏସଡିପିଓ ଓ ଅନ୍ୟ ଅଧିକାରୀଙ୍କ ସହିତ ଉଦ୍ଧାର ଓ ରିଲିଫ ବଣ୍ଟନର ସ୍ଥିତି ସମୀକ୍ଷା କରିଥିଲେ। ଏହାବ୍ୟତୀତ ବିଜେପି ଜିଲ୍ଲା ସଭାପତି ଝୁରିଲାଲ ମହାନ୍ତ, ବରିଷ୍ଠ ନେତା ସଞ୍ଜୀବ ମହାନ୍ତି, ଜିଲ୍ଲା ଉପସଭାପତି ଆଶିଷ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଜନାର୍ଦ୍ଦନ ବେହେରା, ନାରୀନେତ୍ରୀ ଲକ୍ଷ୍ମୀ ଝା, ସୁନାମଣୀ ହୋ, ଦିଲ୍ଲୀପ ମହାନ୍ତ, ପୁଷ୍ପାଞ୍ଜଳି ସିଧୁ, ସମ୍ବିଧାନ ମହାପାତ୍ର, କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ବିନୋଦ ନାଏକ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଯବାମଣି ଟୁଡୁଙ୍କ ସହିତ ଅନ୍ୟ କଂଗ୍ରେସ କାର୍ଯ୍ୟକର୍ତ୍ତା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହିତ ଜନସାଧାରଣଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରଶାସନ ପକ୍ଷରୁ ପକ୍ଷରୁ କ୍ଷତିଗ୍ରସ୍ତ ଲୋକଙ୍କ ନିମନ୍ତେ ପଲିଥିନ୍, ଶୁଖିଲା ଖାଦ୍ୟ, ପାନୀୟ ଜଳ, ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ କ୍ଷୟକ୍ଷତିର ସର୍ଭେ ପରେ କ୍ଷତିପୂରଣ ଓ ଗୃହ ନିର୍ମାଣ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ଆଘାତ ଓ ଜରୁରୀକାଳୀନ ଚିକିତ୍ସା ପ୍ରଶିକ୍ଷଣ ଶିବିର

**କେନ୍ଦୁଝର,୧୬ ।୩(ସମିସ):** କେନ୍ଦୁଝର ଜିଲ୍ଲା ସଦର ମହକୁମା ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ଦୁଇଦିନିଆ ଆଘାତ ଓ ଜରୁରୀକାଳୀନ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ତଥା ରାଜ୍ୟ ନୋଡାଲ ଅଧିକାରୀ ଟ୍ରମା କେୟାର ପ୍ରଫେସର ଡା. ଉମାକାନ୍ତ ଶତପଥୀ ଯୋଗଦେଇ ଟ୍ରମାସେବା ଜିଲ୍ଲାରେ ବହୁତ୍ ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟଅତିଥି ମଧ୍ୟରେ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ ଅଧକ୍ଷକ ପ୍ରଫେସର ଡ. ମହେନ୍ଦ୍ର କୁମାର ନାଏକ, ଡିନ୍ ପ୍ରଫେସର ଡ. ଚିନ୍ମୟୀ ମହାପାତ୍ର, ନିଶ୍ଚେତକ ବିଜ୍ଞାନବିଭାଗ ମୁଖ୍ୟ ପ୍ରଫେସର ଡ. ଦେବାଶିଷ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପ୍ରଥମଥର ଶୁଭାରମ୍ଭ ହୋଇଛି। ଏହା କେନ୍ଦୁଝର ସମେତ ପଡ଼ୋଶୀ ଚାରୋଟି ଜିଲ୍ଲାର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ଆହୁରି ମଜଭୁତ କରିବ ବୋଲି ଅଧିକ୍ଷକ ଶ୍ରୀ ନାଏକ କହିଛନ୍ତି।

## ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣା: ଝୁମ୍ପୁରା ଅଞ୍ଚଳର ଦଶୁରୁ ମୁଣ୍ଡା ମୃତ

**ବାଲିବନ୍ଧ,୧୬ ।୩(ସମିସ):** କଟକ ଏସ୍‌ସିବି ମେଡିକାଲରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ଘଟଣାରେ ଝୁମ୍ପୁରା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ହେଲେ ଝୁମ୍ପୁରା ଥାନା ଅଞ୍ଚଳ କାଶୀପାଳ ଗ୍ରାମ ମୁଣ୍ଡା ସାହିର ଦଶୁରୁ ମୁଣ୍ଡା (୫୫)। ପକ୍ଷାଘାତ ରୋଗରେ ପୀଡ଼ିତ କାଶୀପାଳ ଗ୍ରାମର ଦଶୁରୁ ମୁଣ୍ଡାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ କଟକ ଏସସିବି ମେଡିକାଲକୁ ନେଇଥିଲେ ପୁଅ ସୁରେଶ ମୁଣ୍ଡା। ହେଲେ ଅଗ୍ନିକାଣ୍ଡ ଘଟଣାରେ ଦଶୁରୁ ମୁଣ୍ଡାଙ୍କ ମୃତ୍ୟୁ ଘଟିଛି।

**■ ଆଉ ନାହିଁ ଚାନ୍ଦଡିହା ବାସନ୍ତୀ ମେଳାର ଚମକ**

## ୭୪ ବର୍ଷ ପରେ ନୂଆ ମନ୍ଦିରରେ ପୂଜା ପାଇବେ ମା' ବାସନ୍ତୀ

**ବଡ଼ସାହି,୧୬।୩(ସମିସ):** ବଡ଼ସାହି ବ୍ଲକ୍ ଚାନ୍ଦଡିହା ଓ ଛେଲିଆ-ଏ ଗ୍ରାମରେ ପ୍ରସିଦ୍ଧ ବାସନ୍ତୀ ମେଳା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମାଣତ୍ରୀର ଶିବରାତ୍ରୀ ମେଳା ପରେ ଏହି ମେଳା ବ୍ଲକ୍‌ର ଦ୍ୱିତୀୟ ବୃହତ୍ତମ ମେଳା ଥିଲା। ୧୫ ଦିନ ଧରି ଏହି ମେଳା ଚାଲୁଥିବାବେଳେ ଯାତ୍ରା, ଗାଆଁଣ ଓ ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶହ ଶହ ଦୋକାନୀ ନିଜର ପସରା ମେଲାଉ ଥିଲେ। ଏଠାରେ ହଜାର ହଜାର ଲୋକଙ୍କ ମଧ୍ୟ ସମାଗମ ହେଉଥିଲା। ଜିଲ୍ଲା ତଥା ଆଖପାଖ ଅଞ୍ଚଳ ପାଇଁ ଏକ ବିଖ୍ୟାତ ପାଲା ମଣ୍ଡପ ରହିଥିବାବେଳେ ବହୁ ବଡବଡ ପାଲା ଗାୟକ ଆସି ଏଠାରେ ପାଲା ପରିବେଷଣ କରୁଥଲେ। ମାତ୍ର ପରିଚାଳନାଗତ ତ୍ରୁଟି ଓ ସହଯୋଗର ଅଭାବ ପାଇଁ ଏହି ମେଳା ପଡିଆ ଆଜି ଖାଁ ଖାଁ ଲାଗୁଥିଲା। ମେଳା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାବେଳେ କେବଳ ପୂଜା ବିଧିବିଧାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ନଛତ୍ରରେ ସୀମିତ ଥିଲା । ୨ବର୍ଷ ପୂର୍ବେ ନୂତନ ପରିଚାଳନା କମିଟି ଗଠନ ହୋଇଥିବାବେଳେ ଏହାର ସଭାପତି ଭାବେ ବ୍ଲକ୍ ଉପାଧକ୍ଷା କାଞ୍ଚନ ପ୍ରଧାନ ଓ ସମ୍ପାଦକ ଭାବେ ଗଣେଶ୍ୱର ମହାନ୍ତି ଦାୟିତ୍ୱ ତୁଲାଉଛନ୍ତି। ଚଳିତ ବର୍ଷଠାରୁ ମେଳା ସହିତ ଯାତ୍ରା କରିବାକୁ କମିଟି ଅଣ୍ଟା ଭିଡିଥିବା ଜଣାଯାଇଛି।



ଏହି ମେଳା ଓ ମା' ବାସନ୍ତୀଙ୍କ ପୂଜା ୭୪ ବର୍ଷରେ ପଦାର୍ପଣ କରିଥିବାବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ସଂହତି, ସଂସ୍କୃତି ଓ ଭାଇଚାରାକୁ ସୁଦୃଢ କରିବା ସହ ସାମାଜିକ ଜୀବନକୁ ସରସ ସୁନ୍ଦର କରିଥାଏ ବୋଲି ବୁଦ୍ଧିଜିବୀ ମତବ୍ୟକ୍ତ କରିଛନ୍ତି। ବ୍ଲକ୍ ଉପାଧକ୍ଷା କାଞ୍ଚନ ପ୍ରଧାନଙ୍କ ପ୍ରଚେଷ୍ଟାରେ '୫-ଟି', ଆମ ଓଡ଼ିଶା ନବୀନ ଓଡ଼ିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରୁ ସୁନ୍ଦିର ମନ୍ଦିରଟିଏ ନିର୍ମାଣ ସରିଛି। ଚଳିତ ବର୍ଷ ଏହି ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ସହିତ ନୂତନ ମନ୍ଦିରରେ ମା' ବାସନ୍ତୀ ପୂଜା ପାଇବେ ବୋଲି ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୨ ତାରିଖରେ ଅଙ୍କୁରାରୋପଣ, ଧାନ୍ୟଧିବାସ ଓ ମଣ୍ଡଳକରଣ, ୨୩ ତାରିଖରେ କଳସଯାତ୍ରା, ମଣ୍ଡଳ ପୂଜନ, ସାଲା ପୂଜା ଓ ଅଗ୍ନି ସ୍ଥାପନ, ୨୪ ତାରିଖରେ ଯଜ୍ଞାରମ୍ଭ ସ୍ନାନ ଓ ବିଲ୍ୱାଧିବାସ, ୨୫ରେ ବିଗ୍ରହ ସ୍ଥାପନ ଓ ମହାସପ୍ତମୀ ପୂଜା ଓ ୨୬ ତାରିଖରେ ଅଶୋକାଷ୍ଟମୀ ପୂଜା, ୨୭ରେ ଶ୍ରୀରାମ ନବମୀ ପୂଜା ଓ ୨୮ ତାରିଖ ଦଶମୀ ପୂଜା ଓ ପୂର୍ଣ୍ଣାହୂତି ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ କରାଯାଇଛି। ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପାଲା ପରିବେଷଣ ହେବା ସହିତ ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ 'ଯାତ୍ରାଶ୍ରୀ ବିଶ୍ୱ ଦରବାର' ଯାତ୍ରା ପରିବେଷଣ କରିବ ବୋଲି ଜଣାଯାଇଛି। ସେହିପରି ଛେଲିଆ-ଏ, ମାନଗୋବିନ୍ଦପୁର ଓ ଭୀମଦାରେ ବାସନ୍ତୀପୂଜା ଧୂମଧାମରେ ପାଳନ କରାଯାଉଥିବା ଜଣାଯାଇଛି।

ପୁରାଣ ବର୍ଣ୍ଣିତ କଥା ଅନୁସାରେ ପ୍ରଭୁ ଶ୍ରୀରାମ ସୀତାକୁ ଉଦ୍ଧାର କରିବା ପାଇଁ ଲଙ୍କାକୁ ଯିବା ପୂର୍ବରୁ ଦୁର୍ଗାପୂଜା କରି ମା' ଅଷ୍ଟଭୂଜାଙ୍କ ଦର୍ଶନ ପାଇଥିଲେ। ମାତ୍ର ଏହି ଚୈତ୍ର ମାସରେ ପ୍ରକୃତରେ ମା' ମହିଁଷାମର୍ଦ୍ଦିନୀ ଲୀଳା କରିଥିଲେ। ଏହି କିମ୍ବଦନ୍ତୀକୁ ଜନମାନସରେ ଉଜ୍ଜୀବିତ ରଖିବା ପାଇଁ ଅଂଚଳବାସୀଙ୍କ ପକ୍ଷରୁ ବାସନ୍ତୀମେଳା ଆୟୋଜନ ହୋଇଆସୁଛି ବୋଲି ମୟୂରଭଞ୍ଜର ଐତିହ୍ୟ ଓ କିମ୍ବଦନ୍ତୀ ସମ୍ପର୍କରେ ଗବେଷଣା କରୁଥିବା ଡକ୍ଟର ସନତ କୁମାର ଦାସ କହନ୍ତି। ଚାନ୍ଦଡିହା ଗ୍ରାମର ପ୍ରାୟ ୫ ଏକର ପରିମିତ ପଡ଼ିଆରେ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ପୂର୍ବରୁ ଏଠାରେ ମେଢ ମୂର୍ତ୍ତି ହେଉଥିବାବେଳେ ଏବେ ମା'ଙ୍କ ପଥର ମୂର୍ତ୍ତି ପୂଜା ହୋଇଆସୁଛି। ଏହା ପଛରେ ଏକ କାହାଣୀ ଅଛି। ଏହି ଗ୍ରାମର ଜଣେ ବ୍ୟକ୍ତିଙ୍କ ପିଲାପିଲି ହେଉ ନ ଥିବାବେଳେ ଜଣେ ବ୍ରାହ୍ମଣଙ୍କ କଥାରେ ସେ ମା'ଙ୍କ ଏହି ପଥର ମୂର୍ତ୍ତି ଦାନ କରିବା ପରେ ତାଙ୍କର ପିଲା ହୋଇଥିଲା। ସେହିଦିନଠାରୁ ପ୍ରତ୍ୟକ୍ଷ ମା' ବାସନ୍ତୀଙ୍କ ପଥର ମୂର୍ତ୍ତି ପୂଜା ପାଇ ଆସୁଥିବାର ଜଣାଯାଇଛି। ମେଳାରେ ବସିବା ପାଇଁ ପକ୍କା ପିଣ୍ଡିର ଆବଶ୍ୟକତା ଥିବାବେଳେ ଜନସମାଗମକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ଏକ ସଭାଗୃହର ଆବଶ୍ୟକତା ରହିଛି ବୋଲି କମିଟି ସମ୍ପାଦକ ଗଣେଶ୍ୱର ମହାନ୍ତି କହିଛନ୍ତି। ମେଳାର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଅଞ୍ଚଳର ଭାଇଚାରା ଓ ଏକତା ବଜାୟ ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ସାନ୍ତାଳୀ ଭାଷାର ପ୍ରସିଦ୍ଧ ଲେଖିକା ସ୍ୱର୍ଗତ ସୁମିତ୍ରା ସୋରେନଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର



**ବାରିପଦା, ୧୬ ।୩(ସମିସ):** ମୟୂରଭଞ୍ଜର ପ୍ରସିଦ୍ଧ ସାନ୍ତାଳୀ ଲେଖିକାଙ୍କୁ ମିଳିଛି ସାହିତ୍ୟ ଏକାଡେମୀ ପୁରସ୍କାର। ଜୀବିତ ଅବସ୍ଥାରେ ପୁରସ୍କାର ପାଇ ନ ଥିଲେ ହେଁ ଏବେ ପୁରସ୍କାର ପାଇଁ ତାଙ୍କ ପରିବାର ଓ ପ୍ରଶଂସକ ମଧ୍ୟରେ ଖୁସି ଖେଳିଯାଇଛି। କୋୟେଲ୍ ନାମକ କ୍ଷୁଦ୍ର ଗଳ୍ପ ଝାଡ଼ଖଣ୍ଡର ଜମସେଦପୁରରେ ପ୍ରକାଶିତ ସାନ୍ତାଳୀ ଗଳ୍ପ ସଙ୍କଳନ ପୁସ୍ତିକା ମିଦ୍ ବିର୍ନା ଛେନ୍ନେ ସାଓନ୍ ଇନାଗ୍ ସାଗାଇରେ ଏହା ସ୍ଥାନ ପାଇଥିଲା। ଏହି ପୁସ୍ତକ ପାଇଁ ସେ ୨୦୨୫ରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କରିଛନ୍ତି ସାନ୍ତାଳୀ ଭାଷା ବିଭାଗରେ। ଯାହା ତାଙ୍କୁ ସାନ୍ତାଳୀ ସାହିତ୍ୟର ଏକ ପ୍ରମୁଖ ସ୍ଥାନରେ ପହଞ୍ଚାଇଛି। ସେ ୧୯୭୦ ଫେବୃଆରୀ ୧୫ ତାରିଖରେ ବାରିପଦାର ଶ୍ରୀପଦଗଞ୍ଜରେ ପିତା ସ୍ୱର୍ଗତ ଲୋକନାଥ ମାରାଣ୍ଡି ଓ ମାତା ଦୁଲାରୀ ମାରାଣ୍ଡିଙ୍କ କୋଳମଣ୍ଡନ କରିଥିଲେ। ସେ ବିଏ ଉତ୍ତୀର୍ଣ୍ଣ ଓ ଆଇଟିଆଇ (ଷ୍ଟେନୋଗ୍ରାଫି)ରେ ଟେକ୍ନିକାଲ୍ ଯୋଗ୍ୟତାପ୍ରାପ୍ତ କରିଥିଲେ। ଏହାବ୍ୟତୀତ ସେ ଓଲଚିକି ଲିପିରେ ସାନ୍ତାଳୀ ଭାଷାରେ +୨ ପାସ୍ କରିଥିଲେ। ସୁମିତ୍ରା ୨୦୨୩ ଜୁଲାଇ ୨୬ ତାରିଖରେ ମୃତ୍ୟୁବରଣ କରିଥିଲେ। ତାଙ୍କ ସ୍ୱାମୀ ମଦନମୋହନ ସୋରେନ ବର୍ତ୍ତମାନ ବାରିପଦାସ୍ଥ ଭାରତୀୟ ଜୀବନବୀମା କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବ୍ୟତିତ ଏକମାତ୍ର ପୁଅ ହିମାଂଶୁ(୨୬) ଅଛନ୍ତି। ସୁମିତ୍ରା ସୋରେନଙ୍କ ଲିଖିତ ଅନ୍ୟ ପୁସ୍ତକ ମଧ୍ୟରେ ଗୁପି ଗିଦ୍ରାୱାଗ୍ କୁକମୁ (ଗଳ୍ପ ସଂକଳନ), ରେଙ୍ଗେଚ୍ ହୋରାଗ୍ ମେଦାଗ୍ (କବିତା) ଅନ୍ୟତମ। ସାନ୍ତାଳୀ ଭାଷା ଓ ସାହିତ୍ୟର ବିକାଶ ପାଇଁ ତାଙ୍କର ପ୍ରୟାସ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ପୁରସ୍କାର ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଏହା ଭାଷା ସଂରକ୍ଷଣ ଓ ସାଂସ୍କୃତିକ ଐତିହ୍ୟକୁ ଆହୁରି ମଜବୁତ କରିଛି। ସୁମିତ୍ରା ପୂର୍ବରୁ ବିଭିନ୍ନ ସାହିତ୍ୟ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ଯେପରିକି ସାହିତ୍ୟ ଏକାଡେମୀର ସାନ୍ତାଳୀ କବିତା ସମାବେଶ ଆଦିରେ କବିତା ପାଠ କରିଛନ୍ତି। ତାଙ୍କର କେତେକ କବିତା ଅନଲାଇନ୍ ପ୍ଲାଟଫର୍ମରେ (ୟୁଟ୍ୟୁବରେ) ଉପଲବ୍ଧ ରହିଛି।

## ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି; ଅଭିଯୋଗ ଶୁଣୁନାହାନ୍ତି କର୍ତ୍ତୃପକ୍ଷ



**ଆନନ୍ଦପୁର,୧୬।୩ (ସମିସ):** ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ମୁଖ୍ୟ ରାସ୍ତାରେ ପାଇପ ଫାଟି ରାସ୍ତାରେ ପାଣି ଭାସୁଛି। ବିଭାଗୀୟ କାର୍ଯ୍ୟାଳୟରେ ଅଭିଯୋଗ କଲେ ବି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ପାଇପ ଫାଟି ଯାଇଥିବାରୁ ବାହାର ଆବର୍ଜନା ପାଣି ମିଶିଯାଇ ଦୂଷିତ ଜଳ ଯୋଗାଣ ହେଉଥିବାରୁ ଇଏ ଦିନେ ନୁହେଁ କି ଦୁଇଦିନ ନୁହେଁ, ଦୀର୍ଘ ୭ ଦିନ ଧରି ଏପରି ଅବସ୍ଥା ଲାଗିରହିଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହି ନାହିଁ। ସବୁଦିନେ ଜଳ ଯୋଗାଣ ସମୟରେ ରାସ୍ତାରେ ପାନୀୟ ଜଳ ଭାସୁଥିବାରୁ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଯୋଗାଣ ହେଉଥିବା ପାନୀୟଜଳ ସ୍ୱାସ୍ଥ୍ୟପକ୍ଷେ ଅତ୍ୟନ୍ତ ଅନୁପେଯାଗୀ ହୋଇଥିଲେ ହେଁ ତାହାକୁ ଲୋକେ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ୱାଟ୍‌କୋ ପକ୍ଷରୁ ଏ ନେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଞ୍ଜାଧର ଜଳପ୍ରପାତ ବିକାଶ କାମ ଆରମ୍ଭ

**ରାଇରଙ୍ଗପୁର,୧୬।୩(ସମିସ):** ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ ବାମନଘାଟି ଉପଖଣ୍ଡସ୍ଥ ବିଞ୍ଜାଧର ଜଳପ୍ରପାତ ଉନ୍ନତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ପର୍ଯ୍ୟଟନ ସ୍ଥଳୀ ଭିତ୍ତିଭୂମି ବିକାଶ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଉକ୍ତ ପର୍ଯ୍ୟଟନସ୍ଥଳୀ ବିଜାତଳା ବ୍ଲକ ଅନ୍ତର୍ଗତ ସରଗଡା ପଞ୍ଚାୟତ ସାରଣ୍ଡା ଗ୍ରାମ ନିକଟରେ ରହିଛି। ପର୍ଯ୍ୟଟନସ୍ଥଳୀ ମନୋରମ ଦୃଶ୍ୟ ଅତି ସୁନ୍ଦର ଅଟେ। କିନ୍ତୁ ଦୃଷ୍ଟି ଆଢୁଆଳରେ ରହିବା ଯୋଗୁଁ ଉନ୍ନତି ହେଉନି। ସବୁଜ ବନାନୀ ବଳୟ ଭିତରେ ଲୁଚି ରହିଥିବା ଏହି ଜଳପ୍ରପାତର ସୌନ୍ଦର୍ଯ୍ୟକୁ ନିଜ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିପାରିବେନି। କିନ୍ତୁ ସରକାରୀ ଉଦାସୀନତା ଯୋଗୁଁ ଏଠାରେ ପର୍ଯ୍ୟଟକଙ୍କ ପାଦ ପଡୁ ନ ଥିଲା। ବିଞ୍ଜାଧର ଜଳପ୍ରପାତ ଉନ୍ନତି ନେଇ କୌଣସି ପଦକ୍ଷେପ ନ ହେବାରୁ ଅନେକ ଦିନ ହେବ ପର୍ଯ୍ୟଟକ ମୁହଁ ଫେରାଇବାକୁ ବାଧ ହେଉଥିଲେ। ପାନୀୟଜଳ ସମସ୍ୟା, ଆଲୋକ ବ୍ୟବସ୍ଥା, ପ୍ରତୀକ୍ଷାଳୟ ସାଙ୍ଗକୁ ବିପଦପୂର୍ଣ୍ଣ ଚଲାପଥ ଯୋଗୁଁ ଲୋକେ ଏଠାରେ ବଣଭୋଜି କରିବାକୁ ଅସୁରକ୍ଷିତ ମଣୁଥିଲେ। ବିଞ୍ଜାଧର ଜଳପ୍ରପାତ ଭିତ୍ତିଭୂମି ବିକାଶ ପାଇଁ ବାରମ୍ବାର ଖବର ପ୍ରକାଶ ସହ ରାମଦୋଳି ୟୁଥ ପାୱାର ଆସୋସିଏସନ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଭିତ୍ତିଭୂମି ବିକାଶ କାମ ଆରମ୍ଭ ହୋଇଛି। ଜିଲ୍ଲାପାଳ ଅନୁଧ୍ୟାନ କରିବା ପରେ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ସୁରେନ୍ଦ୍ର ମୁଣ୍ଡା ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ପର୍ଯ୍ୟଟନସ୍ଥଳୀର ବିକାଶ ଦ୍ୱାରା ପର୍ଯ୍ୟଟକଙ୍କ ସୁଅ ଛୁଟିବ ଓ ସ୍ଥାନୀୟ ଜନସାଧାରଣ ରୋଜଗାରକ୍ଷମ ହେବା ସହ ବିକାଶ ଘଟିବ।



## ଓଲଟିଲା ଟ୍ରାକ୍ଟର, ୧୫ ଗୁରୁତର ଆହତ

**ଉଦଳା,୧୬।୩(ସମିସ):** ଆଳୁ ବସ୍ତା ଭଳି ଲୋକଙ୍କୁ ଟ୍ରାକ୍ଟର ଡାଲାରେ ବୋହି ନେଉଥିଲେ ଇଟାଭାଟିର ମାଲିକ। ତେବେ ରାସ୍ତା ମଝିରେ ଓଲଟିଲା ଟ୍ରାକ୍ଟର। ପରେ ଟ୍ରାକ୍ଟରକୁ ଘଟଣାସ୍ଥଳରୁ ଗାଏବ କରି ଦିଆଗଲା। ଉଦଳା ଥାନା କୁକୁରଡିମା ଛକରେ ଘଟିଛି ଏଭଳି ଦୁର୍ଘଟଣା। ଇଟାଭାଟିରେ ରହି କାମ କରୁଥିବା ୧୫ରୁ ଅଧିକ ବିହାର ଅଞ୍ଚଳର ଶ୍ରମିକ ଓ ସ୍ଥାନୀୟ ଅଞ୍ଚଳର ୧୦ ଶ୍ରମିକଙ୍କୁ ଟ୍ରାକ୍ଟରରେ ନେଇ ଉଦଳା ବଜାରରୁ କପ୍ତିପଦା ଥାନା ନୁଦଡିହାସ୍ଥ ଇଟାଭାଟିକୁ ଯାଉଥିଲା ଟ୍ରାକ୍ଟର। କୁକୁରଡିମା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍କୁ ଓଲଟି ପଡିଥିଲା ଟ୍ରାକ୍ଟର ଡାଲା। ଫଳରେ ଡାଲାରେ ଥିବା ୨୫ରୁ ଅଧିକ ଶ୍ରମିକ ଛିଟିକି ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କର ଅବସ୍ଥା ଗୁରୁତର ଥିବାବେଳେ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ୫ ଜଣ ମହିଳା ଥିବାବେଳେ ୪ ଜଣ ଛୋଟ ପିଲା, ୬ରୁ ଅଧିକ ପୁରୁଷ ରହିଛନ୍ତି। ଗୁରୁତରଙ୍କ ମଧ୍ୟରେ ଜଣେ ଦେଢ଼ ବର୍ଷର ଶିଶୁପୁତ୍ର ଅବସ୍ଥା ଅଧିକ ସଂକଟାପନ୍ନ ରହିଥିବାରୁ ତାକୁ ବାରିପଦା ସ୍ଥାନାନ୍ତର କରାଯାଇଛି। ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**ଅଢ଼େଇ ବର୍ଷ ତଳେ ଘଟିଥିଲା ଘଟଣା**

## ପିଆର୍‌ଏମ୍ ମେଡିକାଲର ୭ ମହଲା କୋଠାର ତୃତୀୟ ମହଲାରେ ଅଘଟଣ

**ବାରିପଦା, ୧୬ ।୩(ସମିସ):**



ଆଜକୁ ଅଢେଇ ବର୍ଷ ତଳେ ଅର୍ଥାତ ୨୦୨୩ ଅଗଷ୍ଟ ୧୮ ତାରିଖରେ ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍‌ପିଟାଲର ସାତ ମହଲା କୋଠାରେ ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ମେଡିକାଲର ତୃତୀୟ ମହଲା

### ବର୍ତ୍ତିଗଲା ବଡ଼ ଦୁର୍ଘଟଣା, ଘଟାଇଥିଲା ବ୍ୟାପକ କ୍ଷତି

ଶିଶୁ ଓ ପ୍ରସୂତୀ ବିଭାଗରେ ନିଆଁ ଲାଗିବା ପରେ ପ୍ରବଳ କଳା ଧୂଆଁ ନିର୍ଗତ ହୋଇଥିଲା। ଏହା ଦେଖି ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିବାବେଳେ ଜୀବନ ବଞ୍ଚାଇବାକୁ ପାଇଁ ରୋଗୀଙ୍କୁ ନେଇ କୋଠା ତଳକୁ ଆସିଥିଲେ। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ୱାର୍ଡରେ ଚିକିତ୍ସାଧୀନ ସମସ୍ତ ରୋଗୀ ସୁରକ୍ଷିତ ରହିଥିଲେ ହେଁ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଟଳିଯାଇଥିଲା। ଯଦିଓ କେହି ମୃତାହତ ହୋଇ ନ ଥିଲେ, ତେବେ ଅପରେସନ କକ୍ଷ (ଓଟି) ସମ୍ପୂର୍ଣ୍ଣ କ୍ଷତି ଘଟିଥିଲା। ଯାହା ସ୍ୱାଭାବିକ ହେବାକୁ ୨ ବର୍ଷ ଲାଗିଥିଲା।

ଘଟଣା ଦିନ ଅପରାହ୍ନ ୨ଟା ୨୦ମିନିଟ ସମୟରେ ସାତ ମହଲା କୋଠାର ତୃତୀୟ ମହଲାରେ ନିଆଁ ଲାଗିଥିଲା। ସେହି ମହଲାରେ ଶିଶୁ ଓ ମହିଳା ସର୍ଜରୀ ୱାର୍ଡ ରହିଥିବାବେଳେ ପ୍ରସୂତୀ ବିଭାଗର ଅପରେସନ ଥିଏଟର ଓ ଆଇସିୟୁ ରହିଛି। ଅପରେସନ ଥିଏଟରରେ କପ୍ତିପଦା ବ୍ଲକ ଶରତ ଥାନା ଅଞ୍ଚଳର ବୁଦ୍ଧୁନୀ ସିଂ ନାମକ ଜଣେ ମହିଳାଙ୍କ ଅସ୍ତ୍ରପୋଚାର ହେଉଥିବା ସମୟରେ ଅନ୍ୟଏକ ଥିଏଟରରେ ମରାମତି କାର୍ଯ୍ୟ ଚାଲିଥିଲା। ଏହି ସମୟରେ ସଟସର୍କିଟରୁ ପ୍ରଚଣ୍ଡ ଶବ୍ଦ ହୋଇ ନିଆଁ ଲାଗିଯିବାରୁ ଚାରିଆଡେ ଧୂଆଁମୟ ଓ କଳା ଦେଖାଯାଇଥିଲା । ଧୂଆଁରେ ଅଣନିଶ୍ୱାସୀ ହୋଇ ରୋଗୀ ଓ ସମ୍ପର୍କୀୟ ଜୀବନ ବିକଳରେ ଏପଟ ସେପଟ ହୋଇ ତଳକୁ ବାହାରିଥିଲେ। ମେଡିକାଲ କର୍ମଚାରୀ ନିଆଁ ଲିଭାଇବାକୁ ଚେଷ୍ଟା ଜାରି ରଖି ରୋଗୀଙ୍କୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ରୋଗୀଙ୍କୁ ଅନ୍ୟ ଏକ ୱାର୍ଡରେ ଭର୍ତ୍ତି କରାଯାଇଥିବାବେଳେ ସମସ୍ତଙ୍କୁ ସୁରକ୍ଷିତ ରଖାଯାଇଥିଲା। ଅପରେସନ ଥିଏଟର ଟେବୁଲରେ ଅପରେସନ ଚାଲିଥିବା ମହିଳାଙ୍କୁ ନେଇ ଅନ୍ୟ ଏକ ଥିଏଟରରେ ଅସ୍ତ୍ରପୋଚାର ଶେଷ କରାଯାଇଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ଓ ଦାୟିତ୍ୱରେ ଥିବା ମହିଳା ବିଶେଷଜ୍ଞଙ୍କୁ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ପୁରସ୍କାର ମିଳିଥିଲା। ଘଟଣାସ୍ଥଳରେ ବାରିପଦା ଦମକଳ ବାହିନୀ ପହଞ୍ଚି ୩୦/୪୦ ମିନିଟ ମଧ୍ୟରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ଡାକ୍ତରଖାନାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିଥିଲେ ହେଁ ସଠିକ ସମୟରେ ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହୋଇଥିଲା ବୋଲି ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଥିଲେ। ପ୍ରତିମାସ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥାର ପରୀକ୍ଷା ନୀରିକ୍ଷା କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ତେବେ ଘଟଣାକୁ ନେଇ ତଦନ୍ତ କରାଯିବ ବୋଲି ତତ୍କାଳୀନ ପିଆରଏମ ମେଡିକାଲ କଲେଜ ଓ ଡାକ୍ତରଖାନାର ସୁପରିଟେଣ୍ଡେଣ୍ଟ ଡା ପ୍ରତିଭା ପଣ୍ଡା ପ୍ରକାଶ କରିଥିଲେ ହେଁ ତାହା କଥାରେ ରହିଯାଇଥିଲା। ସେ ସମୟରେ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ଦାସ କହିଥିଲେ, ଡାକ୍ତରଖାନାରେ କର୍ମଚାରୀ ମାନେ ନିଜ ସାଧ ମୋତେ ନିଆଁକୁ ଆୟତ୍ତ କରିବା ପାଇଁ ବିଦ୍ୟୁତ ସେବା ବିଚ୍ଛିନ୍ନ କରିଦେବାରୁ ନିୟନ୍ତ୍ରଣ ସହଜ ହୋଇପାରିଥିଲା। ୨ଟା ୫୦ରେ ଖବର ପାଇ ୧୫ ଜଣ ଅଗ୍ନିଶମ କର୍ମଚାରୀ ଏଥିରେ ନିୟୋଜିତ ରହି ନିଆଁକୁ ଆୟତ୍ତ କରିଥିଲେ।

## ପିଆର୍‌ଏମ୍ ଡାକ୍ତରଙ୍କୁ ମିଳିଥିଲା ରାଷ୍ଟ୍ରପତି ପୁରସ୍କାର

**ବାରିପଦା:** ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ବରିଷ୍ଠ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର



ରଞ୍ଜନା ଭଣ୍ଡାରି ପାଇଥିଲେ ସମ୍ମାନଜନକ ରାଷ୍ଟ୍ରପତି ପୁରସ୍କାର 'ଜୀବନ ରକ୍ଷକ ପଦକ ୨୦୨୪'। ତାଙ୍କର ସାହସିକତା ଓ କର୍ତ୍ତବ୍ୟ ନିଷ୍ଠା ଲାଗି ଏହି ପୁରସ୍କାର ମିଳିଥିଲା। ମେଡିକାଲ କଲେଜ ଓ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଅପେରେସନ କକ୍ଷରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ। ଲୋକେ ନିଜ ଜୀବନ ବଞ୍ଚାଇବାକୁ ଧାଁ ଦୌଡ଼ କରୁଥିବାବେଳେ ଡାକ୍ତର ଜଣଙ୍କ ଅପରେସନ ଟେବୁଲରେ ଜଣେ ପ୍ରସୂତୀଙ୍କ ଅପରେସନ ପରେ ନବଜାତକ ଜନ୍ମ ନେଇଥିଲା। ମାତ୍ର ଅପରେସନ ଷ୍ଟିଚିଂ ପୂର୍ବରୁ ଅଗ୍ନିକାଣ୍ଡଜନିତ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ସହିତ ଧୂଆଁପୂର୍ଣ୍ଣ କକ୍ଷରୁ ପ୍ରସୂତୀ ଓ ନବଜାତକକୁ ଅନ୍ୟ କକ୍ଷକୁ ନେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ନିଜ ଜୀବନକୁ ବାଜି ଲଗାଇ ଉପସ୍ଥିତ ବୁଦ୍ଧି ବଳରେ ନିରବ ନିଶ୍ଚଳ ଭାବେ ଜଟିଳ ଅସ୍ତ୍ରୋପଚାର ସଫଳତା ସହ ସମ୍ପାଦନ କରି ୨ଟି ଜୀବନ ବଞ୍ଚାଇଥିଲେ। ତାଙ୍କର ସାହସିକତା ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ଉପରୋକ୍ତ ପୁରସ୍କାର ମିଳିଥିଲା। ରାଷ୍ଟ୍ରପତି ଭବନ ଗସ୍ତ କରି ତାଙ୍କ ସେ ପଦକ, ପ୍ରମାଣପତ୍ର ଓ ପୁରସ୍କାର ରାଶି ଗ୍ରହଣ କରିଥିଲେ। ଡାକ୍ତର ରଚନା ଓଡ଼ିଶାର ସ୍ୱନାମଧନ୍ୟ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ ରଥଙ୍କ ସହଧର୍ମିଣୀ ଅଟନ୍ତି।

